**୪ ଅଗଷ୍ଟ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ବୈତୁଲ୍ ଫୁତୁହ୍, ଲଣ୍ଡନ୍**

**ଚଳିତ ବର୍ଷ ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ଅବସରରେ ଐଶୀ-କୃପାବତୀର୍ଣ୍ଣର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍‌ହମ୍‌ଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ଗତ ଜୁମାରୁ ରବିବାର ପର୍ଯ୍ୟନ୍ତ ଜମାଅତ ଅହେମଦିୟା ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥର ଜଲସାର ଉପସ୍ଥିତି ମଧ୍ୟ ବହୁତ ଅଧିକ ଥିଲା, ଏଥିରେ ଆମେ ଅଲ୍ଲାଃତାଲାଙ୍କର ଯେଉଁଳି କୃତଜ୍ଞତା ଜ୍ଞାପନ କଲେ ମଧ୍ୟ ତାହା କମ୍ ହେବ । ଅଲ୍ଲାଃତାଲାଙ୍କର ଅନୁକମ୍ପା ଯେ, ସେ ଆମ ଜଲସାରେ ଅପାର କଲ୍ୟାଣ ରଖିଦେଲେ ।

ଆମେମାନେ ତ ଅତି ଦୁର୍ବଳ, ଆମର ସମସ୍ତ କାର୍ଯ୍ୟ କେବଳ ପ୍ରଭୁଙ୍କ କୃପା ଯୋଗୁଁ ସମ୍ପନ୍ନ ହୋଇଥାଏ । ଜମାଅତ ଅହେମଦିୟା ତ ପ୍ରତିଦିନ ଅଲ୍ଲାଃତାଲାଙ୍କର ସେହି ଅନୁକମ୍ପାକୁ ସ୍ୱଚକ୍ଷୁରେ ଅବଲୋକନ କରିଥାଏ ଯେ, ଯଦି ତୁମେ ପ୍ରଭୁଙ୍କ ପୁରସ୍କାରଗୁଡ଼ିକୁ ଗଣନା କରିବ ତେବେ କଦାପି ତାହାର ହିସାବ (ସଂଖ୍ୟା ନିରୂପଣ) କରିପାରିବ ନାହିଁ ।

ସୁତରାଂ କୃତଜ୍ଞତା ଜ୍ଞାପନ କରିବା ଆମର କର୍ତ୍ତବ୍ୟ । ଅଲ୍ଲାଃତାଲାଙ୍କ ଅନୁକମ୍ପା ପ୍ରତିବଦଳରେ ତାଙ୍କ ସମକ୍ଷ ନତମସ୍ତକ ହେବା ଆମ ପାଇଁ ଅନିବାର୍ଯ୍ୟ । ଯେପର୍ଯ୍ୟନ୍ତ ଆମେ ନିଜର ଏହି କର୍ତ୍ତବ୍ୟ ସମ୍ପାଦନ କରିଚାଲିଥିବା ଆମ ପାଦ ଇନ୍‌ଶାଅଲ୍ଲାଃ ଆଗକୁ ବଢ଼ି ଚାଲିଥିବ । ଅତଏବ ବ୍ୟବସ୍ଥା ବିଭାଗ ଓ ଜଲସାରେ ଯୋଗ ଦେଇଥିବା ସମସ୍ତ ସଦସ୍ୟବୃନ୍ଦଙ୍କୁ ଅଲ୍ଲାଃତାଲାଙ୍କର (ଅଶେଷ) କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ।

ବର୍ତ୍ତମାନ ମୁଁ କର୍ମକର୍ତ୍ତାଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି । ପ୍ରତ୍ୟେକ କର୍ମୀ ଓ କର୍ମକର୍ତ୍ତାମାନେ ନିଜ ନିଜର ଦାୟିତ୍ୱ ଅତି ସୁନ୍ଦର ଭାବରେ ସମ୍ପାଦନ କଲେ । ହସହସ ମୁଖରେ ଅଭୂତପୂର୍ବ ଭାବରେ ନିଜ ନିଜର ଡ଼ିଉଟି ଅକ୍ଳାନ୍ତ ପରିଶ୍ରମ କରି ସମ୍ପାଦନ କଲେ । ମହିଳାମାନଙ୍କ ଖାଇବାସ୍ଥଳିରେ ଯେଉଁ ଅଭିଯୋଗ ପୂର୍ବରୁ ମିଳୁଥିଲା ତାହା ଏଥର ନଥିଲା । ଏହିପରି ଟ୍ରାଫିକ୍, ଖାଦ୍ୟ ପ୍ରସ୍ତୁତି, ରୋଟିପ୍ଲାଣ୍ଟ, ସିକ୍ୟୁରିଟି, ସଫେଇ ଓ ଏମ.ଟି.ଏ ବିଭାଗ । ଏଥର ଏମ.ଟି.ଏ ବିଭାଗ ଏକ ନୂତନ ଶୈଳୀରେ ସମଗ୍ର ବିଶ୍ୱକୁ ଯୋଡ଼ି ଦେଇଥିଲା । ପ୍ରତ୍ୟେକ ବିଭାଗ ଯାହାର ବର୍ତ୍ତମାନ ମୁଁ ନାମ ନେଲି ଅଥବା କିଛି ରହିଗଲା ସଭିଙ୍କର ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ବାହାରୁ ଆସିଥିବା ଅଣଅହେମଦିମାନେ ଯେ ଜଲସାରେ ଯୋଗ ଦେଇଥିଲେ, ଜଲସା ପ୍ରସଙ୍ଗରେ ସେମାନଙ୍କ ମଧ୍ୟରୁ କିଛି ମାନ୍ୟଗଣଙ୍କ ମନ୍ତବ୍ୟ ଉପସ୍ଥାପନ କରି ଦେଉଛି ।

ବୁର୍କିନାଫାସୋର ଜଣେ ସୁପ୍ରସିଦ୍ଧ ଓ ଅଭିଜ୍ଞ ଚକ୍ଷୁ ଡ଼ାକ୍ତର କହିଲେ; ସହସ୍ର ଲୋକେ ଗୋଟିଏ ଲକ୍ଷ ନେଇ ଏକ ସ୍ଥାନରେ, ଜଣେ ଧର୍ମାଧକ୍ଷଙ୍କ ଚତୁର୍ପାର୍ଶ୍ୱରେ ରୁଣ୍ଡ ହୋଇଛନ୍ତି । ଏଭଳି ସୁବ୍ୟବସ୍ଥା ଓ ବ୍ୟାପକ ବ୍ୟବସ୍ଥା ମୋ ପାଇଁ ଆଶ୍ଚର୍ଯ୍ୟଜନକ ।

ଆମେରିକାର ଆଇନ୍ ବିଭାଗର ଜଣେ ବିଜ୍ଞ ଅଧ୍ୟାପକ କହିଲେ; ମୁଁ ବିଶ୍ୱର ବିଭିନ୍ନ ସ୍ଥାନରେ ଏପରି ଅନେକ ସମ୍ମିଳନୀର ଆୟୋଜନ ସ୍ୱୟଂ କରିଛି । ଯେଉଁସ୍ଥଳେ ରେଜିଷ୍ଟ୍ରେଶନ୍ ମଧ୍ୟ କରାଯାଇଥାଏ । କିନ୍ତୁ ଆପଣଙ୍କ ବାର୍ଷିକ ଧର୍ମସମ୍ମିଳନୀରେ ଯେଭଳି ସୁନ୍ଦର ଭାବରେ ରେଜିଷ୍ଟ୍ରେଶନ୍‌ର କାର୍ଯ୍ୟ ସମ୍ପାଦନ କରାଯାଇଥିଲା, ତାହା ମୋ ପାଇଁ ଅଭୂତପୂର୍ଣ୍ଣ ଦୃଶ୍ୟ ଥିଲା ।

ବେଲିଜ୍ ଦେଶର ଏକ ଶହରର ଜଣେ ବିଧାୟକ ଜଲସାରେ ଯୋଗ ଦେଇଥିଲେ, ସେ କୁହନ୍ତି; ମୁଁ ନିଜ ଜୀବନରେ କଦାପି ଏଭଳି ଶାନ୍ତିପ୍ରିୟ ଲୋକ ଦେଖି ନାହିଁ । ଏଠାରେ ମୁଁ ଯେଉଁ ଆଧ୍ୟାତ୍ମିକ ଓ ଭାତୃଭାବର ପରିବେଶ ଦେଖିଲି ତାହା ମୋ ପକ୍ଷେ ବିସ୍ମୟକର ।

ଇଣ୍ଡୋନେସିଆର ପୂର୍ବତନ ଧାର୍ମିକ ମନ୍ତ୍ରୀ କୁହନ୍ତି; ଆପଣଙ୍କ ଶ୍ଳୋଗାନ "ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ" ମୁଁ ବିମାନ ବନ୍ଦର ଠାରୁ ଆରମ୍ଭ କରି ଜଲସା ସମ୍ପନ୍ନ ହେବା ପର୍ଯ୍ୟନ୍ତ ଅବଲୋକନ କରିଥିଲି ।

ଗେମ୍ବୀଆର ସୂଚନା ବିଭାଗର ମନ୍ତ୍ରୀ ମଧ୍ୟ ଜଲସାରେ ସାମିଲ ଥିଲେ, ସେ କୁହନ୍ତି; ଜଲସା ସାଲାନାର ସମସ୍ତ ବ୍ୟବସ୍ଥା ଅତି ପ୍ରଭାବଶାଳୀ ଥିଲା । ଏଭଳି ବଡ଼ ଧରଣର ଜନସମାଗମରେ ମଧ୍ୟ କୌଣସି ସଂଘର୍ଷ କିମ୍ବା ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳି ନଥିଲା । ଆଉ ଏକ କଥା ଯାହା ମୁଁ ଅନୁଭବ କଲି ତାହା ଜମାଅତର ସଦସ୍ୟବୃନ୍ଦଙ୍କର ନିଜ ଖଲିଫାଙ୍କ ପ୍ରତି ଗଭୀର ଆନ୍ତରିକତା ଓ ପ୍ରେମାନୁରାଗ । ଯାହାର ଏସମଗ୍ର ସଂସାରରେ କୌଣସି ଦୃଷ୍ଟାନ୍ତ ନାହିଁ ।

ବ୍ରାଜିଲ୍‌ରୁ ଆସିଥିବା ପ୍ରତିନିଧି ନିଜ ମତ ପ୍ରକାଶ କରି କହିଲେ; ୧୧୮ ଦେଶରୁ ଆସିଥିବା ଲୋକମାନଙ୍କୁ ଭାତୃଭାବ ସହିତ ଗୋଟିଏ ସ୍ଥାନରେ ଏକତ୍ରିତ ରହିବା ଅନ୍ୟ କାହାର ଆୟତାଧିନ ନୁହେଁ । ସମସ୍ତ ଲୋକମାନେ ପରସ୍ପର ସହିତ ସଦ୍‌ବ୍ୟବହାର, ସହାନୁଭୂତି, ଆନନ୍ଦ ଓ ଆଦର ସମ୍ମାନର ସହକାରେ ମିଳିବା ମୋତେ ବହୁତ ଭଲ ଲାଗିଲା । ଅତିଥିମାନଙ୍କ ଗମନାଗମନ ପାଇଁ ମଧ୍ୟ ବେଶ୍ ସୁନ୍ଦର ବ୍ୟବସ୍ଥା ହୋଇଥିଲା ।

ସ୍ପେନ୍‌ରୁ ଆସିଥିବା ପ୍ରତିନିଧି ଦଳର ଜଣେ ବ୍ୟକ୍ତି ଯେ ବୃତ୍ତିରେ ଜଣେ ଐତିହାସିକ ଅଟନ୍ତି, ସେ କହିଲେ; ଚଳିତ ଯୁଗରେ ଜମାଅତ ଅହେମଦିୟା ନିଷ୍ଠା ଓ ଅଦମ୍ୟ ସାହସର ଏକ ଅନନ୍ୟ ନମୁନା ପ୍ରତିଷ୍ଠା କରିଛି ।

ଇଟଲିର ଜଣେ ସାମ୍ବାଦିକ କହିଲେ; ମୁଁ ଜଲସା ସମ୍ବନ୍ଧରେ ପୂର୍ବରୁ ପଢ଼ିଥିଲି । କିନ୍ତୁ ଜଲସାରେ ସାମିଲ ହେବା ଏକ ଭିନ୍ନ ଅଭିଜ୍ଞତା ଥିଲା । ଜଲସାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହା ମୁଁ ଲକ୍ଷ କଲି ତାହା ନମାଜ ପାଠ କରିବା ଥିଲା ।

ସିନେଗାଲର ଏକ ଅଞ୍ଚଳର ଗଭର୍ନର କୁହନ୍ତି; ମୁଁ ଏପରି ପାରସ୍ପରିକ ପ୍ରେମ ଓ ଅନୁରାଗପୂର୍ଣ୍ଣ ଦୃଶ୍ୟ ଅନ୍ୟ କୌଣସି ଠାରେ ଦେଖି ନାହିଁ । ହଜରତ ମସିହ ମଉଦ [ଅ.ସ]ଙ୍କର ସନ୍ଦର୍ଭ ମୋତେ ବହୁତ ପ୍ରଭାବିତ କରିଛି । ଜଲସାରେ ପ୍ରତ୍ୟେକ ବ୍ୟକ୍ତି ନିଜ ଉପରେ ଅନ୍ୟକୁ ପ୍ରାଧାନ୍ୟ ଦେଉଥିଲେ ।

କୋଲୋମ୍ବିଆର ଜଣେ ଅତିଥି କହିଲେ; ମୁଁ ଏଠାକାର ଶାନ୍ତି ପୂର୍ଣ୍ଣ ପରିବେଶ, ଭାତୃଭାବ, ସ୍ନେହ ଆଦର, ଖଲିଫାଙ୍କ ବୁଦ୍ଧିଜ୍ଞାନ ସମ୍ପନ୍ନ ବକ୍ତୃତା ଓ ଜମାଅତର ସଦସ୍ୟବୃନ୍ଦଙ୍କୁ ଦେଖି ଖୁବ୍ ପ୍ରଭାବିତ ହେଲି ।

ଚିଲୀରୁ ତିନି ଜଣ ସଦସ୍ୟ ଆସିଥିଲେ, ସେମାନେ ଏକ ଖ୍ରୀଷ୍ଟଧର୍ମ ସଂସ୍ଥାର ପ୍ରତିନିଧି ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଅତିଥି କହିଲେ; ଆପଣଙ୍କ ଜମାଅତ ଗୋଟିଏ ଶରୀର ପରି ଏବଂ ଆପଣଙ୍କ ଖଲିଫା ଉକ୍ତ ଶରୀରର ମସ୍ତକ ଓ ମଗଜ ଅଟନ୍ତି । ବାକି ଜମାଅତ ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଦୃଶ, ଯାହାକି ମଗଜର ସଙ୍କେତ ଓ ଇଙ୍ଗିତ (ଈଶାରା) କରିବାନୁଯାୟୀ ହରକତ୍ କରୁଛନ୍ତି ।

ସ୍ପେନ୍‌ରୁ ଜଣେ ଜେରେ ତବଲିଗ୍ (ବାର୍ତ୍ତା ପ୍ରଦାନ କରାଯାଇଥିବା) ବନ୍ଧୁ ଜଲସାରେ ସାମିଲ ଥିଲେ ସେ କୁହନ୍ତି; ଏହି ଜଲସାରେ ମୋ ସହିତ ଜଣେ ରାଜାଙ୍କ ପରି ଆଚରଣ କରାଗଲା । ଅହେମଦି ସ୍ୱେଚ୍ଛା ସେବକମାନଙ୍କର ଚାଳିଷ ହଜାରରୁ ଉର୍ଦ୍ଧ୍ୱ ଅତିଥିମାନଙ୍କର ନିରନ୍ତର ସତ୍କାର କରିବା ଏକ ଚମ୍ତ୍କାର ଅଟେ । ସୁନିଶ୍ଚିତ ରୂପେ ଏହି ଜଲସା ଆୟୋଜିତ ହେବା ଫଳରେ ମୁଁ ନିରାକାରମୟ ଈଶ୍ୱରଙ୍କ ସହିତ ଯୋଡ଼ି ହୋଇଯାଇଛି ।

କାନେଡ଼ାରୁ ଜଣେ ସାଂସଦ ଜଲସାରେ ଯୋଗ ଦେଇଥିଲେ ସେ କୁହନ୍ତି; ଏହି ଭବ୍ୟ ଜଲସାରେ ଯୋଗ ଦେବା ମୋର ସୌଭାଗ୍ୟ ଥିଲା । ଏହି ଜଲସାରୁ ଶିକ୍ଷା ମିଳୁଛି ଯେ, ଆମକୁ ନିଜ ଧର୍ମ ସହିତ ବିଶ୍ୱସ୍ତତା ଓ ସ୍ୱଚ୍ଛା ସେବା କରିବା ଉଚିତ୍ ।

ତୁର୍କିର ପ୍ରିଟିଙ୍ଗ ପ୍ରେସ୍ ବିଭାଗର କିଛି ମାଲିକ ଜଲସାକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ସଞ୍ଚାଳକ କହିଲେ; ଏଭଳି ବଡ଼ ଧରଣର ଜନସମାଗମକୁ ଯେଭଳି ସୁବ୍ୟବସ୍ଥା ସହିତ ଆୟୋଜନ କରିଛନ୍ତି ତାହା ମୋ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ସେ କହିଲେ, ଆଉ ଗୋଟିଏ କଥା ଯାହାକି ମୋତେ ପ୍ରଭାବିତ କରିଛି ତାହା ଏହିକି ଯେ, ମୁଁ ଏଠାରେ କାହାରିକୁ ସିଗାରେଟ୍ ସେବନ କରିବାର ଦେଖିବାକୁ ପାଇଲି ନାହିଁ ।

ଲଟୋୟାରୁ ଆସଥିବା ଏକ ସମାଜ ସେବିକା କହିଲେ; ଏହି ଜଲସା ଦ୍ୱାରା ମୋତେ ଇସଲାମ ସମ୍ବନ୍ଧରେ ଜାଣିବାର ସୁଯୋଗ ମିଳିଲା । ଏଠାରୁ ଫେରି ମୁଁ ପବିତ୍ର କୁରଆନର ଅଧ୍ୟୟନ କରିବି ଏବଂ ନିଜ ଜ୍ଞାନ ଅଭିବୃଦ୍ଧି କରିବାକୁ ଚେଷ୍ଟା କରିବି ।

ଦୂରଦର୍ଶନ ଯୋଗେ ଜଲସାର କାର୍ଯ୍ୟକ୍ରମ ଦେଖିଥିବା କେତେକ ଦର୍ଶକମାନଙ୍କର ମଧ ମତାମତ ରହିଛି-

କଙ୍ଗୋ ବ୍ରାଜାଔଲ୍‌ରୁ ଆମ ମୁବଲ୍ଲିଗ୍ ସାହେବ ଲେଖିଛନ୍ତି ଜଣେ ଖ୍ରୀର୍ଷ୍ଟଧର୍ମୀ ବନ୍ଧୁଙ୍କୁ ଜଲସା ଦେଖିବାକୁ ଆମନ୍ତ୍ରିତ କରାଯାଇ ଥିଲା । ସମାପନ ଅଧିବେଶନରେ ମୋର ବକ୍ତୃତା ଶୁଣିବା ପରେ ସେ କହିଲେ; ଯଦି ବିଶ୍ୱର ପ୍ରତ୍ୟେକ ପ୍ରଶାସନ ଏହି ଶିକ୍ଷାନୁଯାୟୀ କାର୍ଯ୍ୟାନୁସରଣ କରନ୍ତି ତେବେ ବିଶ୍ୱରୁ ଦାରିଦ୍ରତା ଯଦିଓ ସମ୍ପୂର୍ଣ୍ଣ ରୂପେ ଦୂର ନହୁଏ ତଥାପି ସଂସାରରେ କେହି ହେଲେ ଭୋକ ଉପାସରେ ଶୋଇବେ ନାହିଁ । **ଯେପରି ଖଲିଫାଙ୍କୁ ନିଜ ଲୋକମାନଙ୍କର ଚିନ୍ତା ରହିଛି ଯଦି ଆମ ନେତାମାନେ ମଧ ସେହିପରି ହୋଇଯାନ୍ତି ତେବେ ଆମର ଏହି ଜଗତ ବୈକୁଣ୍ଠ ପାଲଟି ଯିବ ।**

ଆଇସ୍‌ଲ୍ୟାଣ୍ଡରୁ ଜଣେ ବିଶ୍ୱଶାନ୍ତି ସଂସ୍ଥାର ଜଣେ ମିଶନାରୀ କହିଲେ; ଜମାଅତର ପ୍ରତ୍ୟେକ ସଦସ୍ୟବୃନ୍ଦ ଯାହାଙ୍କ ସହିତ ମୋର ସାକ୍ଷାତ ହେଲା ସେ ସଭିଏଁ ନମ୍ର ହୃଦୟୀ, ଶାଳୀନ (ଭଦ୍ର), ସେବା କରିବା ପାଇଁ ସର୍ବଦା ପ୍ରସ୍ତୁତ ଏବଂ ଅତି ଅତିଥି ସତ୍କାରୀ । ରହିବାର ବ୍ୟବସ୍ଥା ଅତି ଉତମ ଥିଲା ।

ହେଟୀର ବିଚାରକ ପୋଲିସ୍ (ସୁରକ୍ଷା ବିଭାଗର) ପ୍ରତିନିଧି କହିଲେ; ମୁଁ ଜଣେ ଖ୍ରୀର୍ଷ୍ଟଧର୍ମାବଲମ୍ବୀ ତଥାପି ମୁଁ କହିବାକୁ ଚାହେଁ ଯେ, ଅହେମଦିୟା ମୁସଲିମ୍ ଜମାଅତର ଜଲସାରେ ଯୋଗ ଦେବା ଫଳରେ ମୋତେ ଧର୍ମ ପ୍ରସଙ୍ଗରେ ଅନେକ କିଛି ଶିଖିବାର ସୁଯୋଗ ମିଳିଲା ।

ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ଏହିପରି ଅଲ୍ଲାଃତାଲାଙ୍କ କୃପାରୁ ଅନେକ ଘଟଣାବଳୀ, ଆଲୋଚନା ଓ ମନ୍ତବ୍ୟ ହସ୍ତଗତ ହୋଇଛି । ଅଲ୍ଲାଃତାଲା କରନ୍ତୁ ଜଲସାରୁ ଏପରି ସୁଫଳ ଲାଭ ହେଉ ଯାହାକି ଅହେମଦିମାନଙ୍କୁ

ଚିରକାଳ ପାଇଁ ପ୍ରଭୁଙ୍କ ସହିତ ଯୋଡ଼ି ରଖିଥାଉ । ସେମାନଙ୍କ ବିଶ୍ୱାସ ଓ ଆସ୍ଥାରେ ଅଭିବୃଦ୍ଧି ଘଟିଚାଲୁ ଏବଂ ସେମାନେ ହଜରତ ମସିହ ମଉଦ ଅ.ସ.ଙ୍କ ଆଗମନର ଉଦ୍ଦେଶ୍ୟ ପୂରଣକାରୀ ସାବ୍ୟସ୍ତ ହୁଅନ୍ତୁ ।

ଏହିପରି ଅଣଅହେମଦିଙ୍କ ଉପରେ ମଧ୍ୟ ତାହାର ଏଭଳି ପ୍ରଭାବ ପଡୁ ଯାହାକି କ୍ଷଣସ୍ଥାୟୀ ନହେଉ ବରଂ କ୍ରମାଗତ ଭାବରେ ସେମାନଙ୍କ ଚକ୍ଷୁ ଉନ୍ମୁକ୍ତ କରିଦେଉ ।

ମିଡ଼ିଆ ମାଧ୍ୟମରେ ଜଲସାର କାର୍ଯ୍ୟକ୍ରମମାନ ଦେଖା ଓ ଶୁଣା ଯାଇଥିଲା । ଆଫ୍ରିକାରେ ୨୪ଟି ଟି.ଭି ଚ୍ୟାନେଲ୍‌ରେ ମୋର ସମସ୍ତ ବକ୍ତୃତା ପ୍ରସାରଣ କରାଯାଇଥିଲା, ଯାହାକୁ ପାଖାପାଖି ଚାଳିଷ ମିଲିୟନ୍‌ରୁ ଉର୍ଦ୍ଧ୍ୱ ଲୋକମାନେ ଦେଖିଥିଲେ । ସମ୍ପାଦକମାନଙ୍କ ପାଇଁ ମିଡ଼ିଆ ସେଣ୍ଟର୍ ପ୍ରସ୍ତୁତ କରାଯାଇଥିଲା । ଯେଉଁଠାରେ ୩୦ଗୋଟି ମିଡ଼ିଆର ପ୍ରତିନିଧି ଓ ସମ୍ପାଦକମାନେ ଜଲସାର କାର୍ଯ୍ୟକ୍ରମ ଶୁଣିଥିଲେ ଏବଂ ସେମାନେ ପ୍ରତିଦିନ ନିଜର ରିପୋର୍ଟ ମଧ୍ୟ ପ୍ରସ୍ତୁତ କରୁଥିଲେ ।

ସାମୂହିକ ରୂପେ ୭୨ଟି ମିଡ଼ିଆ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ଯାହାକୁ ୫୦ମିଲିୟନ୍ ଲୋକମାନଙ୍କ ନିକଟରେ ପହଞ୍ଚି ଥିଲା । ୪୧ଟି ୱେବସାଇଟ୍‌ରେ ଖବର ପ୍ରସାରଣ ହୋଇଥିଲା । ଜଲସା ପ୍ରସଙ୍ଗରେ ୧୫ଟି ସନ୍ଦର୍ଭ ଖବରକାଗଜରେ ପ୍ରକାଶିତ ହୋଇଥିଲା । ବିଭିନ୍ନ ଟି.ଭି ଚ୍ୟାନେଲ୍‌ରେ ମୋଟ ୧୪ଗୋଟି ଖବର ପ୍ରସାରିତ ହୋଇଥିଲା । ସେହିପରି ରେଡ଼ିଓ ସେଣ୍ଟରରୁ ୩୭ଟି ଖବର ପ୍ରସାରଣ ହୋଇଥିଲା ।

ବସ୍ତୁତଃ ଅଲ୍ଲାଃତାଲା ପ୍ରତ୍ୟେକ ଦିଗରୁ ଏହି ଜଲସାକୁ କଲ୍ୟାଣମୟ କରିଦେଲେ । ଅଲ୍ଲାଃତାଲା ସର୍ବଦା ଆମମାନଙ୍କୁ ନମ୍ର ଓ କୃତଜ୍ଞ ଭକ୍ତମାନଙ୍କ ମଧ୍ୟରେ ସାମିଲ କରି ନିଜ ନିଜର ସଂସ୍କାର କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** ***

Khulasa Khutba Juma Huzoor Anwar a.b.a

4th August 2023